## ପୂଜା ଚାନ୍ଦା ମାଗି ୨ ଗିରଫ

**କଟକ ଅଫିସ:** ପୂଜା ଚାନ୍ଦା ମାଗିବା ଅଭିଯୋଗରେ ମାଲଗୋଦାମ ପୋଲିସ ମଙ୍ଗଳବାର ୨ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ କଲେଜ ଛକ ଅଞ୍ଚଳର ଶରତ ବେହେରା(୩୫) ଓ ରାକେଶ ବେହେରା(୩୦)। ଗତ ରବିବାର କଲେଜ ଛକ ଅଞ୍ଚଳର ଷ୍ଟିଲ ବ୍ୟବସାୟୀ ରତନ ଅଗ୍ରୱାଲଙ୍କୁ ଅଭିଯୁକ୍ତମାନେ ପୂଜା ଚାନ୍ଦା ବାବଦକୁ ୧୩ ହଜାର ଟଙ୍କା ଦେବାକୁ ଦାବି କରି ଧମକ ଦେଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ. ୨୦୫/୨୧) ରୁଜୁକରି ଉଭୟଙ୍କୁ ଗିରଫ କରିଥିଲା। କେହି ଚାନ୍ଦା ଆଦାୟ କରୁଥିବା ନେଇ ପୋଲିସକୁ ଜଣାଇଲେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମାଲଗୋଦାମ ଥାନାଧିକାରୀ ତୃପ୍ତି ରଞ୍ଜନ ନାୟକ ସୂଚନା ଦେଇଛନ୍ତି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଝାଡ଼ଖଣ୍ଡ ସରକାରଙ୍କ ଦ୍ୱିତୀୟ ରାଜ୍ୟଭାଷା ଓଡ଼ିଆକୁ ଉଚ୍ଛେଦ କରିବା ନିଷ୍ପତ୍ତି ବିରୋଧରେ ଉତ୍କଳ ସମ୍ମିଳନୀ ପକ୍ଷରୁ ପ୍ରତିବାଦ ସଭା, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ପାଖ, ରାଜଭବନ ସମ୍ମୁଖ, ସକାଳ ୯ଟା।

## ସଂକ୍ଷେପରେ

### 'ମନୋରମା ପ୍ରାଚୀନ, ଆଧୁନିକ ସାହିତ୍ୟର ସେତୁବନ୍ଧ ଥିଲେ'

ଆଠଗଡ଼,୨୮।୯(ସ୍ୱ.ପ୍ର.): ମନୋରମା ପ୍ରାଚୀନ ଏବଂ ଆଧୁନିକ ସାହିତ୍ୟର ସେତୁବନ୍ଧ ଥିଲେ। ଓଡ଼ିଆ ଭାଷା ସାହିତ୍ୟକୁ ତାଙ୍କ ଅବଦାନ ସବୁଦିନ ପାଇଁ ମନେ ରହିବ। ଗୋପବନ୍ଧୁ ମହିଳା ମହାବିଦ୍ୟାଳୟ ପରିସରରେ ମନେରମା ମହାପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ ଏହା କହିଛନ୍ତି। ଆଠଗଡ଼ ଉପଖଣ୍ଡ ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଆଠଗଡ଼ ବିଧାୟକ ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମୁଖ୍ୟବକ୍ତା ବିଶିଷ୍ଟ ସାହିତ୍ୟିକ ହୁସେନ ରବି ଗାନ୍ଧୀ ଓ ସମ୍ମାନିତ ଅତିଥିଭାବେ ସମାଜର ପୂର୍ବତନ ସମ୍ପାଦକ ପ୍ରମୋଦ କୁମାର ମହାପାତ୍ର ଯୋଗଦେଇଥିଲେ। ବରିଷ୍ଠ ଖବରଦାତା ସନାତନ ରାଏଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧକ୍ଷା ସଂଯୁକ୍ତା ମହାପାତ୍ର, ସଙ୍ଗୀତା ମହାପାତ୍ର ଓ ସତ୍ୟପ୍ରକାଶ ରଥ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

### ନନ୍ଦନକାନନକୁ ଆସିବେ ନୂଆ ପଶୁପକ୍ଷୀ

ବାରଙ୍ଗ,୨୮।୯(ଡି.ଏନ୍.ଏ.): ପ୍ରାଣୀଉଦ୍ୟାନ ନନ୍ଦନକାନନକୁ ରାଜସ୍ଥାନର ଜୟପୁର ନହରଗଡ ଜୈବ ଉଦ୍ୟାନରୁ ହଳେ କଲରାପତରିଆ ବାଘ, ହଳେ ଧୂସର ଗଧିଆ, ଦୁଇଟି ଅଣ୍ଡିରା ଘଡିଆଳ କୁମ୍ଭୀର, ଦୁଇଟି ଅଣ୍ଡିରା ଚିଙ୍କାରା ହରିଣ ଆସିବ। ଏଥିପାଇଁ ନନ୍ଦନକାନନ ସିକ୍ୟୁରିଟ ରେଞ୍ଜର ବିନ୍ଦୁପ୍ରସାଦ ପ୍ରଧାନଙ୍କ ନେତୃତ୍ୱରେ ଏକ ୭ଜଣିଆ ଟିମ୍ ବୁଧବାର ସକାଳେ ଜୟପୁର ଗସ୍ତ କରିବ। ସୂଚନାଯୋଗ୍ୟ ସେଠାକାର କର୍ତ୍ତୃପକ୍ଷ ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟାରେ ନନ୍ଦନକାନନରୁ ଗତ ମାର୍ଚ୍ଚ ୧୭ରେ ଅଣ୍ଡିରା ଧଳାବାଘ ଚିନ୍ନୁ, ସାଧାରଣ (ନାଲି) ବାଘୁଣୀ ରାଣୀ, ଗୋଟିଏ ବାର୍ହା, ୧୫ହଳ ଜେଭା ସ୍ପୋରୋ ଚଢେଇ, ୧୫ହଳ ଜେବ୍ରା ଫିଞ୍ଚ ଚଢ଼େଇ ନେଇଛନ୍ତି।

# ହାଇ ପ୍ରୋଫାଇଲ ଆନ୍ତଃରାଜ୍ୟ ଠକ ଗିରଫ

## ଫେକ୍ ସ୍କ୍ରିନ୍‌ଶଟ୍ ଦେଖାଇ ବହୁ ଲକ୍ଷର ଗହଣା ଠକିନେଇଥିଲେ

- କୋଲକାତା ଏୟାରପୋର୍ଟରୁ ଧରିଲା କମିଶନରେଟ ପୋଲିସ
- ୨ ଲକ୍ଷ ଟଙ୍କାର ଅଳଙ୍କାର ଜବତ





ଗିରଫ ଅଭିଯୁକ୍ତ ରାଜୀବ ଓ ଜବତ ସାମଗ୍ରୀ।

ଭୁବନେଶ୍ୱର,୨୮।୯(ବ୍ୟୁରୋ)

ଦାମୀ ପୋଷାକ ପିନ୍ଧିବା ସହ ଦାମୀ ଗାଡ଼ି ଚଢୁଥିଲେ। ନିଜକୁ ସମ୍ଭ୍ରାନ୍ତ ଶ୍ରେଣୀର ପରିଚୟ ଦେଇ ଠକେଇର ନୂଆ କୌଶଳ ଆପଣାଇଥିଲେ। ଦୋକାନୀଙ୍କୁ ଟଙ୍କା ଟ୍ରାନ୍ସଫର୍‌ର ଫେକ୍ ସ୍କ୍ରିନଶଟ୍ ଦେଖାଇ ଲକ୍ଷାଧିକ ଟଙ୍କାର ଅଳଙ୍କାର ନେଇଯାଉଥିଲେ। ରାଜ୍ୟରୁ ରାଜ୍ୟ ବୁଲି ଏଭଳି ଠକୁଥିବା ଏକ ଆନ୍ତଃରାଜ୍ୟ ଠକଙ୍କୁ ଭୁବନେଶ୍ୱର କମିଶନରେଟ ପୋଲିସ କୋଲକାତା ଏୟାରପୋର୍ଟରୁ ଗିରଫ କରିଛି। ସେ ହେଲେ ରାଜୀବ ପ୍ରଭାସ ଗୁପ୍ତା(୩୭)। ତାଙ୍କଠାରୁ ୨ ଲକ୍ଷ ଟଙ୍କାର ଠକେଇ ଅଳଙ୍କାର, ଗୋଟିଏ ମୋବାଇଲ ଫୋନ୍, ପାନ୍ କାର୍ଡ, ୩ ଏଟିଏମ୍ କାର୍ଡ ଜବତ ହୋଇଛି। ରାଜୀବ ମୁମ୍ବାଇ ଅନ୍ଧେରି ଅଞ୍ଚଳରେ ଥିବା ରଷିକେଶ ଆପାର୍ଟମେଣ୍ଟରେ ରୁହନ୍ତି ବୋଲି ସେ କହୁଥିବାବେଳେ ପୋଲିସ ତାଙ୍କ ପ୍ରକୃତ ଠିକଣା, ପରିଚୟ ଓ ଆପରାଧିକ କାର୍ଯ୍ୟକଳାପ ଜାଣିବାକୁ ତଦନ୍ତ ଜାରି ରଖିଛି। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି।

### ଭୁବନେଶ୍ୱର ପରେ ପୁରୀରେ ଠକିଥିଲେ ରାଜୀବ

ସେପ୍ଟେମ୍ବର ୧୫ ମଧ୍ୟାହ୍ନ ପ୍ରାୟ ୧୨ଟା ୩୦। ଏକ ଦାମୀ ଗାଡିରେ ଅଭିଯୁକ୍ତ ରାଜୀବ ଭୁବନେଶ୍ୱର ଡିଏନ୍ ରେଗାଲିଆ ମଲ୍‌କୁ ଆସିଥିଲେ। ସେଠାରେ ଥିବା ନିମନ୍ତ୍ରଣ ଜୁଏଲର୍ସ ଶୋ'ରୁମ୍‌ରୁ ୧ ଲକ୍ଷ ଟଙ୍କାର ସୁନା ଓ ରୁପା ଗହଣା କିଣିଥିଲେ। ତେବେ ସମ୍ପୂର୍ଣ୍ଣ ଟଙ୍କା ୟୁପିଆଇ ମାଧ୍ୟମରେ ଦେବାକୁ ଶୋ'ରୁମ୍ କର୍ମଚାରୀଙ୍କୁ କହିଥିଲେ। ବିଶ୍ୱାସ ଜନ୍ମାଇବାକୁ ପ୍ରଥମେ କ୍ୟୁଆର୍ କୋଡ୍ ସ୍କାନ୍ କରି ୧୦ ଟଙ୍କା ପଠାଇଥିଲେ। ଏହାପରେ ସେ ୧ ଲକ୍ଷ ଟଙ୍କାର ଏକ ଫେକ୍ ଟ୍ରାଞ୍ଜାକ୍ସନର ସ୍କ୍ରିନଶଟ୍ ଦେଖାଇ ଟଙ୍କା ପଠାଇଦେଇଥିବା କହିଥିଲେ। ହେଲେ ଟଙ୍କା ବ୍ୟାଙ୍କ ଆକାଉଣ୍ଟକୁ ଆସି ନ ଥିବା କ୍ୟାଶ୍ କାଉଣ୍ଟର କର୍ମଚାରୀ କହିବାରୁ ସେ ନେଟ୍ ସମସ୍ୟା ପାଇଁ ହୁଏତ ମେସେଜ୍ ଆସୁନାହିଁ, କିଛିସମୟ ପରେ ଟଙ୍କା ଆସିଯିବ ବୋଲି କହି ଅଳଙ୍କାର ଧରି ସେଠାରୁ ପଳାଇ ଆସିଥିଲେ। ପରବର୍ତ୍ତୀ ସମୟରେ ଠକାମିର ଶିକାର ହୋଇଥିବା ଜଣାପଡିବା ପରେ ଶୋ'ରୁମ୍ ମାଲିକ ତମାଣ୍ଡୋ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ୧୯୮/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ରାଜୀବ ଭୁବନେଶ୍ୱରରୁ ଅଳଙ୍କାର ଠକିନେବା ପରେ ସେହି ରାତିରେ ପୁରୀ ଚାଲିଯାଇ ସିଂହଦ୍ୱାର ଥାନାଞ୍ଚଳରେ ଥିବା ଏକ ଗହଣା ଦୋକାନରୁ ସମାନ ଢଙ୍ଗରେ ଠକେଇ କରିଥିଲେ। ଅଭିଯୋଗକ୍ରମେ ସିଂହଦ୍ୱାର ପୋଲିସ ମାମଲା (ନଂ.୬୭/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ରିମାଣ୍ଡରେ ଆଣିବାକୁ ଯୋଜନା

ରାଜୀବ ଦେଶର ବଡ ବଡ ଗହଣା ଦୋକାନରୁ ଏଭଳି ଠକେଇ କରିଥିବା ପୋଲିସ ଜାଣିବାକୁ ପାଇଛି। ତେଣୁ ତାର ପୂରା ଅପରାଧ ନେଟ୍‌ୱର୍କ ଜାଣିବା ପାଇଁ ଭୁବନେଶ୍ୱର କମିଶନରେଟ ପୋଲିସ ଦିଲ୍ଲୀ, ଇମ୍ଫାଲ ଓ କୋଲକାତା ସମେତ ଅନ୍ୟ ସହରର ପୋଲିସକୁ ଯୋଗାଯୋଗ କରିଛି। ରାଜୀବଙ୍କ ଅପରାଧ ସାମ୍ରାଜ୍ୟରେ ଆଉ କେଉଁମାନେ ଅଛନ୍ତି ଓ ଆଉ କେଉଁଠି ଏଭଳି ଠକେଇ କରିଛନ୍ତି ତାହାର ଅଧିକ ଖୋଳତାଡ଼ ପାଇଁ ୨ କିମ୍ବା ୩ ଦିନ ପାଇଁ ରିମାଣ୍ଡରେ ଆଣିପାରେ ବୋଲି ଜଣାପଡିଛି।

### ହୋଟେଲରେ ବିତାଉଥିଲେ ବିଳାସପୂର୍ଣ୍ଣ ଜୀବନ

ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଛି ଯେ, ରାଜୀବ ମୁମ୍ବାଇର ଏକ କଲେଜରୁ ଏମ୍‌ବିଏରେ ଡିଗ୍ରୀ ହାସଲ କରିଛନ୍ତି। ବାପା ମା'ଙ୍କର ମୃତ୍ୟୁ ହୋଇଯାଇଥିବାରୁ ରହିବା ପାଇଁ ତାଙ୍କର କୌଣସି ଘର ନ ଥିଲା। ତେଣୁ ସେ ଏଭଳି ଠକେଇକୁ ଆପଣାଇବା ସହ ମୁମ୍ବାଇ ସମେତ ଦେଶର ଏକାଧିକ ଷ୍ଟାର୍ ହୋଟେଲରେ ରହି ବିଳାସପୂର୍ଣ୍ଣ ଜୀବନ ବିତାଉଥିଲେ। ଫ୍ଲାଇଟ୍‌ରେ ବିଭିନ୍ନ ସହରକୁ ଯାତ୍ରା କରୁଥିଲେ। ଗୋଟିଏ ସହରରେ ରହି ଠକେଇ କରିବା ପରେ ଅନ୍ୟ ସହରକୁ ଚାଲିଯାଉଥିଲେ।

### କେମିତି ଧରାପଡ଼ିଲେ

ରାଜୀବ ଦୋକାନରୁ ଅଳଙ୍କାର କିଣିବା ପରେ ନିଜ ଆଧାର କାର୍ଡ ଓ ପାନ କାର୍ଡର ଫଟୋ କପି ସହ ମୋବାଇଲ ଫୋନ୍ ନମ୍ବର ଦେଇଥିଲେ। ଓଡ଼ିଶାରୁ ଠକେଇ କରିବା ପରେ ସେ ଫ୍ଲାଇଟ୍‌ରେ ଦିଲ୍ଲୀ ସେଠାରୁ ଇମ୍ଫାଲ ପଳାଇଥିଲେ। ପୋଲିସ ଉକ୍ତ ମୋବାଇଲ ନମ୍ବରକୁ ଟ୍ରାପ୍ କରି ତାଙ୍କର ଗତିବିଧି ଉପରେ ନଜର ରଖିଥିଲା। ସୋମବାର ସେ କୋଲକାତା ଆସୁଥିବା ସ୍ପେଶାଲ ସ୍କ୍ୱାଡ୍ ଜାଣିବାକୁ ପାଇଥିଲା। ତାଙ୍କୁ ଧରିବାକୁ ତମାଣ୍ଡୋ ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍‌ର ଏକ ମିଳିତ ଟିମ୍ ସୋମବାର କୋଲକାତାର ସୁବାସ ଚନ୍ଦ୍ର ବୋଷ ଏୟାରପୋର୍ଟରେ ଜଗି ରହିଥିଲା। ସନ୍ଧ୍ୟାରେ ରାଜୀବ ପହଞ୍ଚିବା ପରେ ପୋଲିସ ତାଙ୍କୁ କାବୁ କରିଥିଲା।




କଟକ ଜିଲା ବଡ଼ମ୍ବା ନରସିଂହପୁର ବ୍ଲକ୍‌ରେ ନିର୍ମାଣ ଶ୍ରମିକଙ୍କ ସାଇକେଲ ଓ ସେଫ୍ଟି କିଟ୍ ମହାଦୁର୍ନୀତି ବିରୋଧରେ ମଙ୍ଗଳବାର ଭୁବନେଶ୍ୱର ରାଜଭବନ ସମ୍ମୁଖରେ ବ୍ଲକ୍ ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ବିକ୍ଷୋଭ।

## ସାମାଜିକ ବିଜ୍ଞାନ ବିଭାଗ ପକ୍ଷରୁ ଜାତୀୟ ସ୍ତରୀୟ ୱେବିନାର

**କଟକ ଅଫିସ,୨୮।୯:** ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସାମାଜିକ ବିଜ୍ଞାନ ବିଭାଗ ପକ୍ଷରୁ ଜାତୀୟ ସ୍ତରୀୟ ୱେବିନାର୍‌ରେ ପ୍ରବାସୀ ଭାରତୀୟ-ମାତୃଭୂମି ଉପରେ ଆଲୋଚନା ହୋଇଥିଲା। ମୁଖ୍ୟବକ୍ତା ଭାବେ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟ ପ୍ରଫେସର ଅର୍ଜେଲିୟୁ ନିୟୁମାଇ ଯୋଗଦେଇଥିଲେ। ଛାତ୍ରୀ ଶ୍ରୁତି କାନୁନ୍‌ଗୋ ସ୍ୱାଗତ ଭାଷଣ, ଡ. ବିକ୍ରମ କେଶରୀ ମିଶ୍ର, ଅଧ୍ୟାପକ ଆଲିଆ ମୁସ୍ତଫା, ଜେମସ୍ କିଣ୍ଡୋ, ଛାତ୍ରୀ ସ୍ୱରୂପିନୀ ପଟ୍ଟନାୟକ ଓ ସୁଶ୍ରୀ ମହାନ୍ତି ଉପସ୍ଥିତ ଥିଲେ।

## ଅନୁସୂଚିତ ଜାତି ଲୋକଙ୍କ ଉପରେ ଅତ୍ୟାଚାର, ଆକ୍ରମଣ ପ୍ରତିବାଦରେ ଗଣବିକ୍ଷୋଭ

ବାଲିଅନ୍ତା,୨୮।୯(ଡି.ଏନ୍.ଏ.)

ବାଲିଅନ୍ତା ଥାନା ଅଞ୍ଚଳରେ ଅନୁସୂଚିତ ଜାତି ବର୍ଗର ଲୋକଙ୍କ ଉପରେ ଅତ୍ୟାଚାର ଓ ଆକ୍ରମଣ ଘଟଣା ପ୍ରତିବାଦରେ ମଙ୍ଗଳବାର ଜାତୀୟ ଦଳିତ ଆଦିବାସୀ ମହାସଂଘ ଓଡ଼ିଶା ପକ୍ଷରୁ ଥାନା ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ସଙ୍ଗଠନର ରାଜ୍ୟ କାର୍ଯ୍ୟକାରୀ ସଭାପତି ପୀତବାସ ନାୟକଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାଲିଅନ୍ତା ବଜାର ଛକରୁ ବାହାରି ଥାନାରେ ପହଞ୍ଚିଥିଲା। ଏହା ପରେ ଥାନା ଆଗରେ ଏକ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ଏଥିରେ ରାଜ୍ୟ ସଭାପତି ଲିଟୁ ଦାସ ଯୋଗଦେଇ ଏହି ଥାନା ଅଞ୍ଚଳରେ ଅନୁସୂଚିତ ଜାତି ଲୋକଙ୍କୁ ଆକ୍ରମଣ କରାଯାଉଥିଲେ ମଧ୍ୟ ପୋଲିସ ନ୍ୟାୟ ଦେବାରେ ବିଫଳ ହୋଇଛି ବୋଲି ସେ କହିଥିଲେ। ବେଣ୍ଣୁପୁର ପଞ୍ଚାୟତ ଅଞ୍ଚଳର ଅନୁସୂଚିତ ଜାତିର ଜଣେ ଯୁବକଙ୍କୁ ଆକ୍ରମଣ ଘଟଣାର ୨୫ଦିନ ବିତିଯାଇଥିଲେ ମଧ୍ୟ ପ୍ରଶାସନ ତାଙ୍କୁ ନ୍ୟାୟ ଦେଇପାରିଲେ ନାହିଁ। ପରେ ଏକ ୫ଜଣିଆ ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱର ଡିସିପିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଜୋନ-୪ ଏସିପି ରଜତ ରୟ କହିଛନ୍ତି, ଅଭିଯୋଗ ଅନୁଯାୟୀ ତଦନ୍ତ କରାଯିବ। କାହା ପ୍ରତି ଅନ୍ୟାୟ କରାଯିବ ନାହିଁ, ସେଥିପ୍ରତି ପୋଲିସ ଯତ୍ନଶୀଳ ରହିଛି ବୋଲି ସେ କହିଛନ୍ତି।




ବାଲିଅନ୍ତା ବଜାର ଛକରୁ ବାହାରିଥିବା ବିକ୍ଷୋଭ ଶୋଭାଯାତ୍ରା।

## ମହିଳାମାନେ ପକ୍ଷପାତର ଶିକାର ହେଉଛନ୍ତି




ଭୁବନେଶ୍ୱର, ୨୮।୯(ବ୍ୟୁରୋ)

ମହିଳାମାନେ ସାମାଜିକ, ଅର୍ଥନୈତିକ, ରାଜନୈତିକ ଆଦି କ୍ଷେତ୍ରରେ ପକ୍ଷପାତର ଶିକାର ହେଉଛନ୍ତି। ଅଜାଣତରେ ଲିଙ୍ଗଗତ ହିଂସାରେ ସାମିଲ ହେଉଛନ୍ତି ବୋଲି ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ମଙ୍ଗଳବାର ଉଦ୍‌ଘାଟିତ ଏକ କର୍ମଶାଳାରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ମହାବିଦ୍ୟାଳୟର ସାମ୍ବାଦିକ ଓ ଗଣ ଯୋଗାଯୋଗ ବିଭାଗର ଛାତ୍ରୀଛାତ୍ରଙ୍କୁ ନେଇ ଆୟୋଜିତ ଏହି ଦୁଇଦିନିଆ କର୍ମଶାଳାର ପ୍ରଥମ ଦିନରେ ଲିଙ୍ଗ ଓ ଲିଙ୍ଗଗତ ହିଂସା ସମ୍ପର୍କରେ ଆଲୋଚନା କରାଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ନିରଞ୍ଜନ ମିଶ୍ର, ୟୁ.ଏସ୍. କନସୁଲେଟ୍ ଜେନେରାଲ ଅଫିସର ସେଥିଲ ଥିରୁପତି, ସାମ୍ବାଦିକ ଓ ଗଣଯୋଗାଯୋଗ ବିଭାଗର ସଂଯୋଜକ ପ୍ରଫେସର ଗୁଲାମ ମୋଇଉଦ୍ଦିନ ଖାନ, ବିଭାଗୀୟ ମୁଖ୍ୟ ଡ. ନଳିନ କୁମାର ପାତ୍ର, ବରିଷ୍ଠ ଅଧାପିକା ରାଜଲକ୍ଷ୍ମୀ ଦାଶ, ରିସୋର୍ସ ପର୍ସନ ପଦ୍ମଚରଣ ଦାସ, ସାମାଜିକ ସଙ୍ଗଠନ ସ୍ୱାତୀର ସୁଜାତା ମହାପାତ୍ର ଯୋଗଦେଇଥିଲେ। ସାମାଜିକ ସଙ୍ଗଠନ ସ୍ୱାତୀ ଓ ହାଇଦ୍ରାବାଦ ୟୁଏସ୍ କନସୁଲେଟ୍ ଜେନେରାଲର ମିଳିତ ଆନୁକୂଲ୍ୟରେ ଆୟୋଜନ କରାଯାଇଛି।

# ୨ରୁ ଜମିବ 'ଏକାମ୍ର ସଂସ୍କୃତି ସନ୍ଧ୍ୟା'

ଭୁବନେଶ୍ୱର, ୨୮।୯ (ବ୍ୟୁରୋ)

ନୂଆ ରୂପରେ ଦେଖିବାକୁ ମିଳିବ ଏକାମ୍ର ହାଟ। ନବୀକରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଖୁବ୍‌ଶୀଘ୍ର ସର୍ବସାଧାରଣଙ୍କ ପାଇଁ ଖୋଲିବ। କିଣାକିଣି, ଖିଆପିଆ ସହ ମନୋରଞ୍ଜନର ମଜା ଉଠାଇବେ ଗ୍ରାହକ। ପ୍ରତି ସନ୍ଧ୍ୟାରେ ଏଠାରେ ଜମିବ ନୃତ୍ୟ ସଙ୍ଗୀତର ଆସର। ଏହି ପରିପ୍ରେକ୍ଷୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ଏବଂ ପର୍ଯ୍ୟଟନ ବିଭାଗର ମିଳିତ ସହଭାଗିତାରେ ଆସନ୍ତା ୨ ତାରିଖ ସନ୍ଧ୍ୟା ୬ଟାରୁ ଆରମ୍ଭ ହେବାକୁ ଯାଉଛି 'ଏକାମ୍ର ସଂସ୍କୃତି ସନ୍ଧ୍ୟା'। ରାଜ୍ୟର ପାରମ୍ପରିକ ଖାଦ୍ୟପେୟ, କଳା ସଂସ୍କୃତି, ହସ୍ତତନ୍ତ ଓ ବୟନଶିଳ୍ପର ପ୍ରକୃଷ୍ଟତାକୁ ଦେଶ ତଥା ଦେଶ ବାହାରୁ ଆସୁଥିବା ଆଗନ୍ତୁକଙ୍କ ନିକଟରେ ସଫଳ ଭାବେ ପ୍ରତିପାଦନ କରି ଓଡ଼ିଶାର ଗରିମା ବଜାୟ ରଖିବା ଲାଗି ଏପରି ଏକ ନିଆରା ପରିକଳ୍ପନା କରାଯାଇଛି। କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ମଙ୍ଗଳବାର ସଂସ୍କୃତି ଭବନଠାରେ ଉଚ୍ଚପଦାଧିକାରୀ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳାଇ ଅଧକ୍ଷତା କରିଥିବାବେଳେ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସଙ୍କ ସମେତ ଅନ୍ୟ ସହଯୋଗୀ ବିଭାଗର ଅଧିକାରୀ ଉପସ୍ଥିତ ରହି ଆଲୋଚନା କରିଥିଲେ। କୋଭିଡ୍ ନିୟମାବଳୀ ଅନୁପାଳନ ସହ ଏକାମ୍ର ସଂସ୍କୃତି ସନ୍ଧ୍ୟା ଆୟୋଜନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହ ବିଭିନ୍ନ ବିଭାଗକୁ ବିଭିନ୍ନ କାର୍ଯ୍ୟର ଦାୟିତ୍ୱ ବଣ୍ଟନ କରାଯାଇଛି। ଗଣମାଧ୍ୟମରେ ବ୍ୟାପକ ପ୍ରଚାର ପ୍ରସାର ପାଇଁ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୧ ତାରିଖରେ ଖବରଦାତା ସମ୍ମିଳନୀରେ କାର୍ଯ୍ୟକ୍ରମର ଲୋଗୋ ଉନ୍ମୋଚନ ସହ ଅନ୍ୟାନ୍ୟ ପ୍ରସ୍ତୁତି ବାବଦରେ ଘୋଷଣା କରାଯିବ। ବୈଠକରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଭାପତି ପଦ୍ମଶ୍ରୀ ଅରୁଣା ମହାନ୍ତି, ସମ୍ପାଦକ ପ୍ରବୋଧ ରଥ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ସଙ୍ଗୀତା ଗୋସାଇଁ, ବିଏମ୍‌ସି ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ପର୍ଯ୍ୟଟନ ବିଭାଗ ଅତିରିକ୍ତ ସଚିବ ରୀନା ମହାପାତ୍ର, ଅତିରିକ୍ତ ଡିସିପି ପି.କେ. ରାଉତ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଧକ୍ଷ ବିଜୟ କୁମାର ଜେନା, ସିଡାକ୍‌ର ଅତିରିକ୍ତ ନିର୍ଦ୍ଦେଶକ ଏସ .କେ ମହାନ୍ତି, ୟୁନିସେଫ୍‌ର ରୁଦ୍ର ପ୍ରସନ୍ନ ରଥ, ବିପୁଲ ମାଲବ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ପ୍ରକଳ୍ପ ସଂଯୋଜକ ବାସୁଦେବ ମାଲବିଶୋଇ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ସହଯୋଗ କାମନା କରିବା ସହ ଧନ୍ୟବାଦ ଦେଇଥିଲେ।



### କିଣାକିଣି, ଖିଆପିଆ ସହ ମନୋରଞ୍ଜନର ମଜା ଉଠାଇବେ ଗ୍ରାହକ

## ଆଇଆଇଟିଟିଏମ୍‌ରେ ବିଶ୍ୱ ପର୍ଯ୍ୟଟନ ଦିବସ ପୁରସ୍କାର

ଭୁବନେଶ୍ୱର,୨୮।୯

ଆଇଆଇଟିଟିଏମ୍ ଭୁବନେଶ୍ୱର ପକ୍ଷରୁ ବିଶ୍ୱ ପର୍ଯ୍ୟଟନ ଦିବସ ପୁରସ୍କାର-୨୦୨୧ର ସ୍ୱତନ୍ତ୍ର ସମାରୋହ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ବୋର୍ଡ ଅଫ୍ ଗଭର୍ନର୍ସ-ଆଇଆଇଟିଟିଏମ୍, ଆଡଭାଇଜର ଡିନ୍, ଶିକ୍ଷା ଓ ଅନୁସନ୍ଧାନର ପ୍ରଫେସର ସୀତାକାନ୍ତ ମିଶ୍ର, ସମ୍ମାନିତ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଭାପତି ପଦ୍ମଶ୍ରୀ ଅରୁଣା ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ ପର୍ଯ୍ୟଟନ କ୍ଷେତ୍ରରେ ଗଗନ ଷଡ଼ଙ୍ଗୀ, ସମାଜ ସେବାରେ ଡ. ରୋଜାଲିନ ପାଟଶାଣୀ ମିଶ୍ର, ସଂସ୍କୃତି ଏବଂ ଐତିହ୍ୟରେ ରାହୁଲ ଆଚାର୍ଯ୍ୟ, ପର୍ଯ୍ୟଟନ ଔଦ୍ୟୋଗିକତାରେ ଜଗନ୍ନାଥ ଡିଗର, ଷ୍ଟାଫ୍ ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ଏସ୍.କେ. ମୁକ୍ତାର ଅହମ୍ମଦ, ପ୍ରଶାସନିକ ସହାୟତାରେ ସିଦ୍ଧାର୍ଥ ଦେଭାଡ ଏବଂ ଚନ୍ଦନ କୁମାର ଦାସ ପୁରସ୍କୃତ ହୋଇଥିଲେ। 'ଆଜାଦି କା ଅମୃତ ମହୋତ୍ସବ' ମ୍ୟୁଜିକାଲ ଭିଡିଓର ସେଲିବ୍ରିଟି ଗାୟକଙ୍କୁ ସମ୍ମାନିତ କରାଯାଇଥିଲା। ସହକାରୀ ପ୍ରଫେସର ଡ. ବି. ସ୍ୱଜନ ଆସୋସିଏଟ୍ ପ୍ରଫେସର ଡ. ଆଦ୍ୟାଶା ଦାଶ ଓ ନୋଡାଲ ଅଫିସର ଡ.ଏମ୍‌ଡି. ଏସ୍. ହୁସେନ ଉପସ୍ଥିତ ଥିଲେ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ସୁଲତାନ ମିର୍ଜା
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
9891589903

TOWER VISION COMPANY Regd.
ଭାରତର No.1 ସ୍ୱୀକୃତିପ୍ରାପ୍ତ କମ୍ପାନି
ନିଜ ଛାତ, ଜମି, କ୍ଷେତ ଓ ଖାଲି ସ୍ଥାନ ମାନଙ୍କରେ 4G / 5G ର Digital Tower ଲଗାନ୍ତୁ।
ଶିଘ୍ର ଆବେଦନ କରି ୩ ଦିନରେ result ପାଆନ୍ତୁ। ଧୋକାବାଜ କମ୍ପାନୀରୁ ସାବଧାନ ରୁହନ୍ତୁ।
ADVANCE : 95 LAKH
ଭଡା : ୮୫,୦୦୦/- ମାସିକ,
ଚାକିରି-୨ ଜଣ, ଦରମା : ୨୦,୦୦୦/- + PF + Bonos + ବୋଲେରୋ ଗଡି
Helpline : 7027029427

VISWAJANANI FINANCE
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ହୋମ୍, କୃଷି ଓ ପଶୁପାଳନ ନିମନ୍ତେ ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ। ସମସ୍ତଙ୍କୁ ONLINE ମାଧ୍ୟମରେ ଯୋଗାଇ ଦିଆଯାଉଛି।
୧ରୁ ୨୦ଲକ୍ଷ ପର୍ଯ୍ୟନ୍ତ ୨% ସୁଧ
M.: 8280401694 (W)
M.: 8895872573

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mudra Finance
Mob. 9999268493
Whatsapp: 8902923601

BCF FINANCE
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା
ମାର୍କସିଟ | ଆଧାରକାର୍ଡ | କୃଷି | ପଶୁପାଳନ | ସମ୍ପତି | ଲଘୁ ଉଦ୍ୟୋଗ | ବ୍ୟକ୍ତିଗତ | BPL ଋଣ
ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 50% ଛାଡ
No File Charge
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8470867033

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମା' ମଙ୍ଗଳାଙ୍କ ସହସ୍ର କୁମ୍ଭାଭିଷେକ ନୀତି ସମ୍ପନ୍ନ**

କାକଟପୁର, (ଡି.ଏନ୍.ଏ.): କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ସହସ୍ରକୁମ୍ଭାଭିଷେକ ଓ ଦେବୋତ୍ଥାପନ ନୀତି ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ୧୦୮ ଶୁଦ୍ଧ ଜଳରେ ସ୍ନାନ କରାଯିବା ସହ ମା'ଙ୍କ ପାଦତଳେ ପୂଜା ପାଉଥିବା ମା'ଙ୍କ ଚଳନ୍ତି ପ୍ରତିମା ଓ ଦୁର୍ଗାମୂର୍ତ୍ତିଙ୍କୁ ମଧ୍ୟ ଶୁଦ୍ଧସ୍ନାନ କରାଯାଇଛି। ପ୍ରକାଶ ଚନ୍ଦ୍ର ପଣ୍ଡା ପୂଜା ନୀତି କରିଥିବା ବେଳେ ସୁବାସ ଚନ୍ଦ୍ର ପାଢ଼ୀ, ଶରତ କୁମାର ଦୀକ୍ଷିତ, ସର୍ବେଶ୍ୱର ପାଢ଼ୀ ପ୍ରମୁଖ ସହାୟତା କରିଥିଲେ। ମନ୍ଦିର ପୁରୋହିତ ଭାବେ ସୁବାସ ଚନ୍ଦ୍ର ତ୍ରିପାଠୀଙ୍କୁ ମନ୍ଦିର ପ୍ରଶାସନ ନିଯୁକ୍ତି ପ୍ରଦାନ କରିଛି। ବୁଧବାର ଠାରୁ ମା'ଙ୍କ ପୀଠରେ ଷୋଡଶ ଉପଚାର ପୂଜା ଆରମ୍ଭ ହେବ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୮।୦୯।୨୦୨୧

| | |
|---|---|
| ୨,୨୦,୫୭୬ ଟଙ୍କା | |
| ସୁନା | ୧ ଗ୍ରାମ ୨୦୦ମି.ଗ୍ରା |
| ରୁପା | ୨୫୨ ଗ୍ରାମ ୪୦୦ ମି.ଗ୍ରା. |

## ଆଜି କ'ଣ କେଉଁଠି

**ପୁରୀ**

- ପ୍ରାଚୀ ଛକରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରା, ପୂର୍ବାହ୍ନ ୧୧ଟା।

# ବୁଥ୍‌କୁ ଗଲେ ପୋଲିଂ ପାର୍ଟି

**ପୁରୀ ଅଫିସ,୨୮।୯:**

ପିପିଲି ଉପନିର୍ବାଚନ ନିମନ୍ତେ ଆସନ୍ତା ୩୦ ତାରିଖରେ ମତଦାନ ହେବ। ଏଥିଲାଗି ମଙ୍ଗଳବାର ପୋଲିଂ ପାର୍ଟିଗୁଡ଼ିକ ପୁରୀ ପେଣ୍ଟକଟାସ୍ଥିତ ୱେର ହାଉସ୍‌ରୁ ବିଭିନ୍ନ ବୁଥ୍ ଅଭିମୁଖେ ଯାତ୍ରା କରିଛନ୍ତି। ମୋଟ୍ ୩ଟି ପର୍ଯ୍ୟାୟରେ ପୋଲିଂ ପାର୍ଟିକୁ ପଠାଯାଇଛି। ୧୦ କାଉଣ୍ଟରର ବ୍ୟବସ୍ଥା କରାଯିବା ସହ ଇଭିଏମ୍, ଅନ୍ୟାନ୍ୟ ସାମଗ୍ରୀ ଗ୍ରହଣ ନିମନ୍ତେ ସିଙ୍ଗିଲ୍ ୱିଣ୍ଡୋ ବ୍ୟବସ୍ଥା ହୋଇଛି। ମୋଟ୍ ୩୪୮ଟି ବୁଥ୍ ମଧ୍ୟରୁ ୧୦୨ଟି ଅତି ସମ୍ବେଦନଶୀଳ ଓ ୭୩ଟି ସମ୍ବେଦନଶୀଳ ବୁଥ୍ ରହିଛି। ସଂପୃକ୍ତ ବୁଥ୍‌ଗୁଡ଼ିକରେ ୱେବକାଷ୍ଟିଂ ହେବ। ୨୩ ମାଇକ୍ରୋ ପର୍ଯ୍ୟବେକ୍ଷକ ଅବସ୍ଥାପିତ କରାଯିବା ସହ ୧୨ଟି ବୁଥ୍‌ରେ ଭିଡିଓ ଉତ୍ତୋଳନ କରାଯିବ। ମୋଟ ୨ ଲକ୍ଷ ୨୯ ହଜାର ୯୯୮ ଜଣ ମତଦାତା ୧୦ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଦିବ୍ୟାଙ୍ଗ ଭୋଟରଙ୍କ ମତଦାନ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସମସ୍ତ ବୁଥ୍‌ରେ ହୁଇଲ୍ ଚେୟାର ଓ ର୍‍ୟାମ୍ପ ବ୍ୟବସ୍ଥା କରାଯାଇଛି। ଦିବ୍ୟାଙ୍ଗ ଭୋଟରଙ୍କୁ ସେମାନଙ୍କ ଘରୁ ଓ ବୁଥ୍‌କୁ ନେବା ଆଣିବା କରିବା ସକାଶେ ସ୍ୱତନ୍ତ୍ର ଗାଡ଼ି ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଡେଲାଙ୍ଗ ବ୍ଲକ୍‌ରେ ୭୧ ଓ ପିପିଲି ବ୍ଲକ୍‌ରେ ୨୮ ଗାଡ଼ି ରଖାଯାଇଛି। ଦିବ୍ୟାଙ୍ଗ ଭୋଟରଙ୍କୁ ସହଯୋଗ କରିବା ଲାଗି ଜାତୀୟ ସେବା ସଂସ୍ଥା, ନେହେରୁ ଯୁବକେନ୍ଦ୍ର, ସ୍ୱୟଂ ସହାୟକ ଗୋଷ୍ଠୀ ଓ ବିଭିନ୍ନ ବେସରକାରୀ ସଂସ୍ଥାର ସ୍ୱେଚ୍ଛାସେବୀ ନିୟୋଜିତ ରହିବେ। ଭୋଟର ପରିଚୟପତ୍ର ବ୍ୟତୀତ ଭାରତୀୟ ନିର୍ବାଚନ କମିଶନ ଓ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଜାରି ବୈଧ ଥିବା ଅନ୍ୟ ୧୧ ପ୍ରମାଣପତ୍ର ଦେଖାଇ ଲୋକେ ଭୋଟ ଦେଇପାରିବେ। ଉକ୍ତ ପ୍ରମାଣପତ୍ର ମଧ୍ୟରେ ଆଧାର କାର୍ଡ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଡ, ଫଟୋ ଥାଇ ବ୍ୟାଙ୍କ ଓ ଭାରତୀୟ ଡାକସେବା ପାସବୁକ୍, ପାନ୍‌କାର୍ଡ ଓ ପେନସନ ପତ୍ର ପ୍ରଭୃତି ଦେଖାଇ ମତଦାନ କରିହେବ।



ବୁଥ୍ ଅଭିମୁଖେ ବାହାରିଥିବା ପୋଲିଂ ପାର୍ଟି ।

**ପିପିଲି ଉପନିର୍ବାଚନ**

- ୧୨ ପ୍ରମାଣପତ୍ରରେ ଦେଇହେବ ଭୋଟ୍
- ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ମତଦାନକୁ ଉତ୍ସବ ଭାବେ ପାଳନ କରି ନିରପେକ୍ଷ ମତଦାନ କରିବା, ବୁଥ୍‌ରେ କୋଭିଡ୍ କଟକଣା ମାନିବା ସହ ମତଦାନ ସମୟରେ ଗ୍ଲୋଭ୍ସ ପରିଧାନ ପାଇଁ ଜିଲାପାଳ ସମର୍ଥ ବର୍ମା ଅପିଲ୍ କରିଛନ୍ତି।

## ଏଜେଣ୍ଟଙ୍କ ପାଇଁ କୋହଳ ହେଲା ନିୟମ

**ଡେଲାଙ୍ଗ,୨୮।୯(ଡି.ଏନ୍.ଏ.):**

ପିପିଲି ଉପନିର୍ବାଚନ ପ୍ରାର୍ଥୀଙ୍କ ପକ୍ଷରୁ ନିୟୋଜିତ ମତଦାନ କେନ୍ଦ୍ରର ଏଜେଣ୍ଟଙ୍କ ପାଇଁ କୋଭିଡ୍‌ପ୍ରତିଷେଧକର ଦ୍ୱିତୀୟ ଡୋଜ ଟିକା ନେଇଥିବା ନେଇ ନିର୍ବାଚନ ଆୟୋଗ ପକ୍ଷରୁ ନିୟମ ରହିଛି। ତେବେ ୧୮ରୁ ୪୪ ବର୍ଷ ବୟସର ଅଧିକାଂଶ ବ୍ୟକ୍ତିଙ୍କୁ ଟିକା ଦିଆଯାଇ ନ ଥିବାରୁ ଏଜେଣ୍ଟଙ୍କୁ ନିୟୋଜିତ କରିବା କଷ୍ଟକର ହୋଇପଡିଛି। ଏହି ନିୟମରେ କୋହଳ କରିବା ପାଇଁ କଂଗ୍ରେସର ବ୍ଲକ ସଭାପତି ରବୀନ୍ଦ୍ର ଦାସଙ୍କ ନେତୃତ୍ୱରେ ନିର୍ମଳ ପରିଡା, ବିଶ୍ୱରଞ୍ଜନ ବଳବନ୍ତରାୟ, ବିପିନ ବଳବନ୍ତରାୟ, ଅଂଶୁମୋଚନ ପ୍ରଧାନ ପ୍ରମୁଖ ପ୍ରଶାସନିକ ଅଧିକାରୀ ଓ ନିର୍ବାଚନ ଆୟୋଗଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଖବରପାଇ ଡେଲାଙ୍ଗ ତହସିଲଦାର ମହେନ୍ଦ୍ର ବଡେଇ, ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକ ଆନ୍ଦୋଳନସ୍ଥଳରେ ପହଞ୍ଚି ଆର୍‌ଟିପିସିଆର ରିପୋର୍ଟ ବିବରଣୀକୁ ଗ୍ରହଣ କରାଯାଇ ନିୟୋଜିତ ପାଇଁ ସୁଯୋଗ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଜୟୀ ରାଜଗୁରୁଙ୍କ ଡାକଟିକେଟ ଆଲବମ୍ ପ୍ରଦାନ



ଡାକ ବିଭାଗ ପକ୍ଷରୁ ସ୍ମୃତି ପରିଷଦ ଓ ଗ୍ରାମ୍ୟ କମିଟିଙ୍କୁ ଷ୍ଟାମ୍ପ ଆଲବମ୍ ପ୍ରଦାନ କରାଯାଉଛି ।

**ପୁରୀ ଅଫିସ, ୨୮।୯:**

ଓଡ଼ିଆ ଜାତିର ଅସ୍ମିତା ପାଇକବିଦ୍ରୋହକୁ ମୁକ୍ତି ସଂଗ୍ରାମର ପ୍ରଥମ ସ୍ୱାଧୀନତା ଆନ୍ଦୋଳନ ଭାବେ ଜାତୀୟ ସ୍ତରରେ ମାନ୍ୟତା ମିଳିଛି। ଏହି ପାଇକ ସଂଗ୍ରାମର ଅନ୍ୟତମ ପୁରୋଧା ଥିଲେ ଜୟୀ ରାଜଗୁରୁ। ପୁରୀ ବୀରହରେକୃଷ୍ଣପୁର ଗ୍ରାମରେ ଜନ୍ମିତ ଏହି ମହାନ ସଂଗ୍ରାମୀଙ୍କ ରଣକୌଶଳ ଆଗରେ ବ୍ରିଟିଶ ସରକାର ମଥା ନୁଆଁଇଥିଲେ। ତାଙ୍କ ସ୍ମୃତିରେ ଏକ ଡାକଟିକେଟ ଉନ୍ମୋଚନ କରିବା ଲାଗି ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ସରକାରଙ୍କ ନିକଟରେ ଦାବି କରିଆସୁଥିଲେ। ମଙ୍ଗଳବାର ଡାକବିଭାଗ ପକ୍ଷରୁ ଜୟୀ ରାଜଗୁରୁଙ୍କ ସ୍ମୃତିରେ ୫ଟଙ୍କିଆ ଡାକଟିକେଟ ଉନ୍ମୋଚନ କରାଯାଇଛି। ପୁରୀ ଡାକମଣ୍ଡଳ ଅଧୀକ୍ଷକ ବି.ବି. ମହାନ୍ତି ବୀରହରେକୃଷ୍ଣପୁରସ୍ଥିତ ଶହୀଦ ଜୟୀ ରାଜଗୁରୁଙ୍କ ସ୍ମୃତିମଣ୍ଡପକୁ ଯାଇ ସେଠାରେ ସ୍ମୃତି ପରିଷଦ ଏବଂ ଗ୍ରାମ୍ୟ କମିଟିଙ୍କୁ ଏହି ଡାକଟିକେଟ ଷ୍ଟାମ୍ପ ଆଲବମ୍ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ପରିଷଦର ସମ୍ପାଦକ ଗବେଷକ ଜଟାଧାରୀ ମିଶ୍ର, ଗ୍ରାମ୍ୟ କମିଟି ସଦସ୍ୟ ଚନ୍ଦ୍ରଶେଖର ମହାପାତ୍ର, ଦେବୀଦତ୍ତ ହୋତା, ହରିଶଙ୍କର ମିଶ୍ର, ଗୌରୀ ପ୍ରସାଦ ମିଶ୍ର, ରବି ନାରାୟଣ ଦାସ, ଏସ୍.ମିଶ୍ର ଏବଂ ବୁଲୁ ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ପରିକ୍ରମା ମାର୍ଗ ଅବରୋଧମୁକ୍ତ କରାଯାଉ

**ପୁରୀ ଅଫିସ, ୨୮।୯:**

ଶ୍ରୀମନ୍ଦିର ଚାରିପାଖରେ ଥିବା ପରିକ୍ରମା ମାର୍ଗ ଅବରୋଧ ହୋଇଛି। ଏଥିଯୋଗୁ ପୁରୀବାସୀଙ୍କ ସହ ଭକ୍ତମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଅବରୋଧ ହଟାଇ ଦେବାକୁ ସାଧାରଣରେ ଦାବି ହେଉଛି। ସୂଚନାଯୋଗ୍ୟ, ଭକ୍ତ ଯେପରି ସୁବିଧାରେ ଶ୍ରୀମନ୍ଦିରକୁ ପରିକ୍ରମା କରିପାରିବେ ସେଥିପାଇଁ ପ୍ରଶାସନ ପକ୍ଷରୁ ପରିକ୍ରମା ମାର୍ଗ ନିର୍ମାଣ କରାଯାଇଥିଲା। ମାତ୍ର ପ୍ରଶାସନ ପକ୍ଷରୁ ମା'କାକୁଡ଼ି ଖାଇ ଛକଠାରେ ବ୍ୟାରିକେଡ ପକାଯାଇ ପରିକ୍ରମା ମାର୍ଗ ବନ୍ଦ କରାଯାଇଛି। ଏଥିଯୋଗୁ ଭକ୍ତମାନେ ଶ୍ରୀମନ୍ଦିର ପରିକ୍ରମା ପାଇଁ ଅନେକ ବାଟ ବୁଲୁଛନ୍ତି। ବୟସ୍କଙ୍କ ପାଇଁ ଏହା ସମସ୍ୟା ସୃଷ୍ଟି କରୁଛି। ଏ ନେଇ ସାମାଜିକ କର୍ମୀ ଦିଲୀପ ବରାଳ କହିଛନ୍ତି, ମହାପ୍ରଭୁଙ୍କ ଦର୍ଶନ କରିବାରେ ଯେତିକି ପୁଣ୍ୟ ଅର୍ଜନ ହୋଇଥାଏ, ଶ୍ରୀମନ୍ଦିର ପରିକ୍ରମା କରି ନୀଳଚକ୍ର ଓ ପତିତପାବନଙ୍କୁ ଦର୍ଶନ କଲେ ସେତିକି ପୁଣ୍ୟ ମିଳିଥାଏ। ସେହିପରି ସମସ୍ତଙ୍କୁ ଶ୍ରୀମନ୍ଦିରକୁ ପ୍ରବେଶ ଅନୁମତି ନାହିଁ। ସେମାନେ ଶ୍ରୀମନ୍ଦିର ଚାରିପାଖରେ ପରିକ୍ରମା କରିଥାନ୍ତି। ମାତ୍ର ପ୍ରଶାସନ ପରିକ୍ରମା ମାର୍ଗ ଅବରୋଧ କରି ଭକ୍ତଙ୍କ ଭାବନା ସହ ଖେଳ ଖେଳୁଛନ୍ତି। ପ୍ରଶାସନ ତୁରନ୍ତ ଅବରୋଧ ହଟାଇ ଶ୍ରୀମନ୍ଦିର ପରିକ୍ରମା କରିବା ନିମନ୍ତେ ଅନୁମତି ଦେବା ଉଚିତ।

# ବରିଷ୍ଠ ନାଗରିକଙ୍କୁ ନେଇ ହେରିଟେଜ୍ ରାଇଡ୍

**ପୁରୀ ଅଫିସ,୨୮।୯:**

ବରିଷ୍ଠ ନାଗରିକଙ୍କୁ ନେଇ ମଙ୍ଗଳବାର ପୁରୀ ସହରରେ ହେରିଟେଜ୍ ରାଇଡ୍ ଅନୁଷ୍ଠିତ ହୋଇଛି। ନୀଳାଦ୍ରି ବେଳାଭୂମିଠାରୁ ପ୍ରାୟ ୩୦ ଜଣ ବରିଷ୍ଠ ନାଗରିକ ସହରର ଐତିହ୍ୟ ସମ୍ପନ୍ନ କବୀରଚୌରା, ବିଦୁର ମଠ, ବାଉଳି ମଠ, ତୋଟା ଗୋପୀନାଥ ପ୍ରଭୃତି ସ୍ଥାନ ବୁଲି ଦେଖିଛନ୍ତି। ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର ବିଭିନ୍ନ ମଠର ଉତ୍ପତ୍ତି ଓ ମହାତ୍ମ୍ୟ ବିଷୟରେ ବରିଷ୍ଠ ନାଗରିକମାନଙ୍କୁ ଅବଗତ କରାଇବା ସହ ପୁରୀ ସହରର ଐତିହ୍ୟ ଓ ପରମ୍ପରା ସହିତ ସଂପୃକ୍ତ ସ୍ଥାନ କିଭଳି ଭାବେ ଜଡ଼ିତ ସେ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଶାସନ ପକ୍ଷରୁ ୪ଟି ଗଳ୍ପ କାର୍ଟ ଯୋଗାଇ ଦିଆଯାଇଥିଲା। ପୁରୀର ଉନ୍ନତ ଓ ଐତିହ୍ୟ ସମ୍ପନ୍ନ ତଥା ସୁପ୍ତ ପ୍ରାୟ ପ୍ରାଚୀନ ପରମ୍ପରାର ଅନାଲୋଚିତ ଦିଗ ସମ୍ପର୍କରେ ଜିଜ୍ଞାସା ସୃଷ୍ଟି କରାଇବା ଉଦ୍ଦେଶ୍ୟରେ ପ୍ରଶାସନ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଉଛି। ଏହି ହେରିଟେଜ୍ ରାଇଡ୍‌ରେ ବରିଷ୍ଠ ନାଗରିକ, ଛାତ୍ରୀଛାତ୍ର, ଯୁବଗୋଷ୍ଠୀ, ବୁଦ୍ଧିଜୀବୀ, ପର୍ଯ୍ୟଟକଙ୍କ ସମେତ ବିଭିନ୍ନ ବର୍ଗଙ୍କୁ ବିଭିନ୍ନ ପର୍ଯ୍ୟାୟରେ ସାମିଲ କରାଯାଉଛି। ଏହି ଅବସରରେ ଭାରତ ସରକାରଙ୍କ ପର୍ଯ୍ୟଟନ ବିଭାଗ ସହ ନିର୍ଦ୍ଦେଶକ ସୋନିଆ ତିର୍କୀ, ସୂଚନା ଅଧିକାରୀ ଜଗନ୍ନାଥ ବେହେରା, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, ଇକୋ ଟୁରିଜମ୍ କ୍ଲବ୍ ପ୍ରତିଷ୍ଠାତା ଯୁଗବ୍ରତ କର ଓ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।




ବରିଷ୍ଠ ନାଗରିକଙ୍କୁ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର ମଠ ସମ୍ପର୍କରେ ସୂଚନା ଦେଉଛନ୍ତି ।

## ଭାଜପାରେ ମିଶିଲେ ବିଜେଡିର ୫୦ କର୍ମୀ

**ଗୋପ,୨୮।୯(ଡି.ଏନ୍.ଏ.):**

ନାଗପୁରଠାରେ ମଙ୍ଗଳବାର ଅନୁଷ୍ଠିତ ଭାଜପାର ଏକ କର୍ମୀ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନ ଓ ବ୍ୟକ୍ତିତ୍ୱରେ ଅନୁପ୍ରାଣିତ ହୋଇ ବିଜେଡିର ୫୦ଜଣ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ରାଜ୍ୟ ଭାଜପା ଦଳର ଉପସଭାପତି ପ୍ରଭାତୀ ପରିଡାଙ୍କ ନେତୃତ୍ୱକୁ ଭରଷା କରି ନାଗପୁର ପଞ୍ଚାୟତର ଦଳଭା ଓ ଷୋଳପୁର ଗ୍ରାମର ଛବି ମଲ୍ଲିକ, ରମେଶ ବାରିକ, ଲିଙ୍ଗରାଜ ବେହେରା, କମଳା ବେହେରା, ରବୀନ୍ଦ୍ର ପରିଡା, ବୁଲୁ ବେହେରା, ବିପ୍ରବର କାଣ୍ଡି, ତ୍ରିଲୋଚନ ବେହେରା, ଜଗନ୍ନାଥ ଦିକ୍ଷିତ, ପଦ୍ମପଡାର ରଘୁ କାଣ୍ଡି ପ୍ରମୁଖ ସାମିଲ ହୋଇଛନ୍ତି। ଏମାନେ ଜିଲା ଉପସଭାନେତ୍ରୀ ତପସ୍ୱିନୀ ବେହେରା, ପଞ୍ଚାୟତ ସଭାପତି ଗଦାଧର ପ୍ରଧାନ ଓ ପ୍ରମୁଖ ଭାଜପା କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ଭାଜପାରେ ସାମିଲ ହୋଇଥିଲେ।

## ଆଜିଠୁ ଷୋଡ଼ଶ ଦିନାତ୍ମକ ପୂଜା

**ପୁରୀ ଅଫିସ, ୨୮।୯:**

ଆଶ୍ୱିନ କୃଷ୍ଣପକ୍ଷ ଅଷ୍ଟମୀ ତଥା ମୂଳାଷ୍ଟମୀ ଦ୍ୱିତୀୟା ଓଷାଠାରୁ ଶ୍ରୀମନ୍ଦିର ସମେତ ଶ୍ରୀକ୍ଷେତ୍ରରେ ଷୋଳପୂଜା ବା ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ଶ୍ରୀକ୍ଷେତ୍ରର ଅଧିଷ୍ଠାତ୍ରୀ ମା' ବିମଳାଙ୍କ ପୀଠରେ ବୁଧବାରଠାରୁ ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ ହେବ। ଏଥିନିମନ୍ତେ ଶ୍ରୀମନ୍ଦିରରେ ପୂଜା ମା'ଙ୍କ ନିକଟରେ ସ୍ୱତନ୍ତ୍ର ହେବ। ସେହିପରି ଶ୍ରୀକ୍ଷେତ୍ରରେ ପୂଜା ପାଉଥିବା ଠାକୁରାଣୀ ପୀଠଗୁଡ଼ିକରେ ମଧ୍ୟ ଷୋଳ ପୂଜା ଆରମ୍ଭ ହେବ। ଏଥିପାଇଁ ଶ୍ରୀନଅରରେ ଶ୍ରୋତ୍ରୀୟ ବ୍ରାହ୍ମଣଙ୍କୁ ଗଜପତି ମହାରାଜା ବରଣ କରିବେ। ବୁଧବାର ଶ୍ରୀନଅରରେ ଗଜପତି ମହାରାଜାଙ୍କ ପଇତାଲାଗି, ଦେବାର୍ଚ୍ଚନା ଓ ମଙ୍ଗଳାର୍ପଣ ହେବ। ଏହାପରେ ରାଜଗୁରୁଙ୍କୁ ଗଜପତି ଶ୍ରୀହସ୍ତ ଛୁଆଁ ଗୁଆ, ନଡ଼ିଆ ପ୍ରଦାନ କରିବେ। ଗଜପତିଙ୍କ ପ୍ରତିନିଧି ଭାବେ ରାଜଗୁରୁ ଏହି ଗୁଆ, ନଡ଼ିଆ ବ୍ରାହ୍ମଣମାନଙ୍କୁ ଦେଇ ବରଣ କରିବେ। ମା' ବିମଳାଙ୍କ ପୀଠ ନିମନ୍ତେ ପୂଜକ, ପରିଚ୍ଛା, ଚଣ୍ଡୀ ପାଠକ, ମନ୍ତ୍ରଯାପକ, ସହସ୍ରନାମ ପାଠକଙ୍କୁ ବରଣ କରାଯିବ। ସେହିପରି ଶ୍ରୀମନ୍ଦିର ଭିତର ବେଢ଼ା ପରିସରରେ ଥିବା ମା' ଭୁବନେଶ୍ୱରୀ, ମା' ବଟମଙ୍ଗଳା ଓ ମା' ଉତ୍ତରାୟଣୀ ପୀଠ ଲାଗି ପୂଜକ ଏବଂ ଚଣ୍ଡୀପାଠକ ବରଣ ହେବେ। ଶ୍ରୀକ୍ଷେତ୍ର ମଧ୍ୟରେ ଥିବା ବିଭିନ୍ନ ଶକ୍ତିପୀଠ ଯଥା ଦକ୍ଷିଣକାଳୀ, ଆଲାମଚଣ୍ଡୀ ଓ କପିଳେଶ୍ୱରପୁର ଶାସନର ପଞ୍ଚମୁଖୀ ଠାକୁରାଣୀଙ୍କ ପୀଠରେ ଷୋଳପୂଜା ପାଇଁ ପୂଜକ, ଚଣ୍ଡୀପାଠକଙ୍କୁ ବରଣ କରାଯିବ ବୋଲି ଜଣାପଡ଼ିଛି।



ପୁରୀ ରାଧାବଲ୍ଲଭ ମଠରେ ମଙ୍ଗଳବାର କଣ୍ଠଶିଳ୍ପୀ ଶିବପ୍ରସାଦ ଦାସ ଏବଂ ଦେବାଂଶୀ ଦାସଙ୍କୁ ଶ୍ରୀପୁରୁଷୋତ୍ତମ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି ।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
**ବାବା ସୁଲତାନ ମିର୍ଜା**
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି



କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
9891589903

**TOWER VISION COMPANY Regd.**
ଭାରତର No.1 ସ୍ୱୀକୃତିପ୍ରାପ୍ତ କମ୍ପାନି
ନିଜ ଛାତ, ଜମି, କ୍ଷେତ ଓ ଖାଲି ସ୍ଥାନ ମାନଙ୍କରେ 4G / 5G ର Digital Tower ଲଗାନ୍ତୁ।
ଶିଘ୍ର ଆବେଦନ କରି ୩ ଦିନରେ result ପାଆନ୍ତୁ। ଧୋକାବାଜ କମ୍ପାନୀରୁ ସାବଧାନ ରୁହନ୍ତୁ।
ADVANCE : 95 LAKH
ଭଡା : ୮୫,୦୦୦/- ମାସିକ, ଚାକିରି-୨ ଜଣ, ଦରମା : ୨୦,୦୦୦/- + PF + Bonos + ବୋଲେରୋ ଗଡି
Helpline : 7027029427

**VISWAJANANI FINANCE**
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ହୋମ୍, କୃଷି ଓ ପଶୁପାଳନ ନିମନ୍ତେ ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ। ସମସ୍ତଙ୍କୁ ONLINE ମାଧ୍ୟମରେ ଯୋଗାଇ ଦିଆଯାଉଛି।
୧ରୁ ୨୦ଲକ୍ଷ ପର୍ଯ୍ୟନ୍ତ ୨% ସୁଧ
M.: 8280401694 (W)
M.: 8895872573

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ । 2% ସୁଧ, 40% ରିହାତି । ମହିଳାଙ୍କ ପାଇଁ ବିଶେଷ ରିହାତି । ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 9999268493
Whatsapp: 8902923601

**BCF FINANCE**
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା
ମାର୍କସିଟ | ଆଧାରକାର୍ଡ | କୃଷି | ପଶୁପାଳନ | ସମ୍ପତି | ଲଘୁ ଉଦ୍ୟୋଗ | ବ୍ୟକ୍ତିଗତ | BPL ଋଣ
ଘରେବସି 5 ଘଣ୍ଟାରେ ପାଆନ୍ତୁ। 0% ସୁଧ 50% ଛାଡ
No File Charge
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8470867033

**ALL EDITION - B/W (Everyday)**
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଛାତ୍ରୀଙ୍କୁ କମେଣ୍ଟ ନେଇ ଉତ୍ତେଜନା

**ଗୋପ,୨୮।୯(ଡି.ଏନ୍.ଏ.):**

ଗୋପ କଲେଜ ପରିସରରେ ମଙ୍ଗଳବାର ଜଣେ ଛାତ୍ରୀଙ୍କୁ କମେଣ୍ଟ କରିବା ନେଇ ଉତ୍ତେଜନା ଦେଖାଦେଇଥିଲା। ଏପରି କି କମେଣ୍ଟ କରିଥିବା ଜଣେ ଅଣଛାତ୍ରଙ୍କୁ କଲେଜ ପରିସରରେ କେତେଜଣ ଛାତ୍ର ମାଡ଼ ମାରିଥିଲେ। ପରେ ଅଣଛାତ୍ରଜଣକ କ୍ଷମା ମାଗିବା ପରେ ଛଡ଼ାଯାଇଥିଲା। ସୂଚନା ମୁତାବକ, ମଙ୍ଗଳବାର ଅଣଛାତ୍ର ଜଣକ କଲେଜ ଗେଟ ନିକଟରେ ଜଣେ ଛାତ୍ରୀଙ୍କୁ କମେଣ୍ଟ କରିଥିଲେ। ଏହି ଖବର କଲେଜରେ ପ୍ରଚାରିତ ହେବା ପରେ କେତେଜଣ ଛାତ୍ର ଉତ୍ତ୍ୟକ୍ତ ହୋଇ ସମ୍ପୃକ୍ତ ଅଣଛାତ୍ରଙ୍କୁ ମାଡ଼ ମାରିଥିଲେ। ଘଟଣା ସମ୍ପର୍କରେ ଜାଣିବା ପରେ କଲେଜ ଅଧକ୍ଷ ଦାୟିତ୍ୱରେ ଥିବା ଅଧ୍ୟାପିକା ପ୍ରିୟମ୍ବଦା ପଣ୍ଡା ଓ କେତେଜଣ ଅଧ୍ୟାପକ ଉତ୍ତ୍ୟକ୍ତ ଛାତ୍ରମାନଙ୍କୁ ଡାକି ପଚରାଉଚରା କରିଥିଲେ। କଲେଜକୁ ଆଉ ଆସିବି ନାହିଁ ଓ ଏଭଳି ଘଟଣା ଘଟାଇବି ନାହିଁ ବୋଲି ସମ୍ପୃକ୍ତ ଅଣଛାତ୍ର ଜଣକ ଲିଖିତ ଆକାରରେ ଦେବା ପରେ ତାଙ୍କୁ ଛଡ଼ା ଯାଇଥିଲା ବୋଲି ଅଧକ୍ଷା ପଣ୍ଡା କହିଛନ୍ତି।

## ମଦ ଜବତ, ୫ ଗିରଫ

**ନିମାପଡ଼ା/ଅସ୍ତରଙ୍ଗ,୨୮।୯(ଡି.ଏନ୍.ଏ.):**

ନିମାପଡ଼ା ଅବକାରୀ ବିଭାଗ ଓ ପୁରୀ ଜିଲା ମୋବାଇଲ ସ୍କ୍ୱାଡ୍ ମଙ୍ଗଳବାର ଅସ୍ତରଙ୍ଗ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩ଜଣ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଅସ୍ତରଙ୍ଗ ଥାନା ଓଲରା ଗ୍ରାମର ଅରକ୍ଷିତ ନାୟକ, ମାଣ୍ଡୁକି ଗ୍ରାମର ଶିଶିର ଖଟୋଇ, ଉମସୁଣ ଗ୍ରାମର ମାନସ ବିଶ୍ୱାଳ। ଏମାନଙ୍କ ନିକଟରୁ ୧ଶହ ବୋତଲ ବିଦେଶୀ ମଦ ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୨୦ହଜାର ଟଙ୍କା ହେବ । ଏନେଇ ବିଭାଗ ପକ୍ଷରୁ ୩ଟି ମାମଲା ରୁଜୁ ହୋଇଛି। ଅବକାରୀ କମିଶନର ଆଶିଷ କୁମାର ସିଂ, ଜିଲା ଅବକାରୀ ଏସ୍‌ପି ଅମରେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ଏସ୍‌ଆଇ ମମତା ଦାସ, ଜିଲା ଅବକାରୀ ମୋବାଇଲ ଇନ୍‌ସ୍ପେକ୍ଟର ସଞ୍ଜୟ କୁମାର ପଣ୍ଡା, ଏଏସ୍‌ଆଇ ଏନ୍.ଜାଗିନରାଓ, ଜିତେନ୍ଦ୍ର ବେହେରା, ସବିତା ସାହୁ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ। ସେହିପରି ପୁରୀ ସମୁଦ୍ରକୂଳ ଥାନା ଅଞ୍ଚଳରୁ ମଦ ଓ ପୋଚ ବିକ୍ରି ଅଭିଯୋଗରେ ବାଲିନୋଳିଆ ସାହି ଅଞ୍ଚଳର କେ. ଇଲାମା ବେହେରା ଏବଂ ବି. ଯୋଗେଶ ବେହେରାଙ୍କୁ ଗିରଫ କରାଯାଇଛି ।

# ହାଇ ପ୍ରୋଫାଇଲ ଆନ୍ତଃରାଜ୍ୟ ଠକ ଗିରଫ



- ଫେକ୍ ସ୍କ୍ରିନ୍‌ଶଟ୍ ଦେଖାଇ ଗହଣା ଠକିଥିଲେ
- ୨ ଲକ୍ଷ ଟଙ୍କାର ଅଳଙ୍କାର ଜବତ

**ଭୁବନେଶ୍ୱର,୨୮।୯(ବ୍ୟୁରୋ):**

ଦାମୀ ପୋଷାକ ପିନ୍ଧିବା ସହ ଦାମୀ ଗାଡ଼ି ଚଢୁଥିଲେ। ନିଜକୁ ସମ୍ଭ୍ରାନ୍ତ ଶ୍ରେଣୀର ପରିଚୟ ଦେଇ ଠକେଇର ନୂଆ କୌଶଳ ଆପଣାଇଥିଲେ। ଦୋକାନୀଙ୍କୁ ଟଙ୍କା ଟ୍ରାନ୍ସଫର୍‌ର ଫେକ୍ ସ୍କ୍ରିନଶଟ୍ ଦେଖାଇ ଲକ୍ଷାଧିକ ଟଙ୍କାର ଅଳଙ୍କାର ନେଇଯାଉଥିଲେ। ରାଜ୍ୟରୁ ରାଜ୍ୟ ବୁଲି ଏଭଳି ଠକୁଥିବା ଏକ ଆନ୍ତଃରାଜ୍ୟ ଠକଙ୍କୁ ଭୁବନେଶ୍ୱର କମିଶନରେଟ ପୋଲିସ କୋଲକାତା ଏୟାରପୋର୍ଟରୁ ଗିରଫ କରିଛି। ସେ ହେଲେ ରାଜୀବ ପ୍ରଭାସ ଗୁପ୍ତା(୩୭)। ତାଙ୍କଠାରୁ ୨ ଲକ୍ଷ ଟଙ୍କାର ଠକେଇ ଅଳଙ୍କାର, ଗୋଟିଏ ମୋବାଇଲ ଫୋନ୍, ପାନ କାର୍ଡ, ୩ ଏଟିମ୍ କାର୍ଡ ଜବତ ହୋଇଛି। ରାଜୀବ ମୁମ୍ବାଇ ଅନ୍ଧେରି ଅଞ୍ଚଳରେ ଥିବା ରଷିକେଶ ଆପାର୍ଟମେଣ୍ଟରେ ରୁହନ୍ତି ବୋଲି ସେ କହୁଥିବାବେଳେ ପୋଲିସ ତାଙ୍କ ପ୍ରକୃତ ଠିକଣା, ପରିଚୟ ଓ ଆପରାଧିକ କାର୍ଯ୍ୟକଳାପ ଜାଣିବାକୁ ତଦନ୍ତ ଜାରି ରଖିଛି।

### ଏମିତି ଠକିଥିଲେ ରାଜୀବ

ସେପ୍ଟେମ୍ବର ୧୫ରେ ରାଜୀବ ଭୁବନେଶ୍ୱର ଡିଏନ୍ ରେଙ୍ଗାଲିଆ ମଲ୍‌କୁ ଆସିଥିଲେ। ନିମନ୍ତ୍ରଣ ଜୁଏଲର୍ସ ଶୋ'ରୁମ୍‌ରୁ ୧ ଲକ୍ଷ ଟଙ୍କାର ସୁନା ଓ ରୁପା ଗହଣା କିଣିଥିଲେ। ତେବେ ସମ୍ପୂର୍ଣ୍ଣ ଟଙ୍କା ୟୁପିଆଇ ମାଧ୍ୟମରେ ଦେବାକୁ ଶୋ'ରୁମ୍ କର୍ମଚାରୀଙ୍କୁ କହିଥିଲେ। ବିଶ୍ୱାସ ଜନ୍ମାଇବାକୁ ପ୍ରଥମେ କ୍ୟୁଆର୍ କୋଡ୍ ସ୍କାନ୍ କରି ୧୦ ଟଙ୍କା ପଠାଇଥିଲେ। ଏହାପରେ ସେ ୧ ଲକ୍ଷ ଟଙ୍କାର ଏକ ଫେକ୍ ଟ୍ରାଞ୍ଜାକ୍ସନର ସ୍କ୍ରିନଶଟ୍ ଦେଖାଇ ଟଙ୍କା ପଠାଇଦେଇଥିବା କହିଥିଲେ। ହେଲେ ଟଙ୍କା ବ୍ୟାଙ୍କ ଆକାଉଣ୍ଟକୁ ଆସି ନ ଥିବା କ୍ୟାସ୍ କାଉଣ୍ଟର କର୍ମଚାରୀ କହିବାରୁ ସେ ନେଟ୍ ସମସ୍ୟା ପାଇଁ ହୁଏତ ମେସେଜ୍ ଆସୁନାହିଁ ବୋଲି କହି ଅଳଙ୍କାର ଧରି ସେଠାରୁ ପଳାଇ ଆସିଥିଲେ। ପରେ ଶୋ'ରୁମ୍ ମାଲିକ ତମାଣ୍ଡୋ ଥାନାରେ ଠକେଇ ନେଇ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ-୧୯୮/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ରାଜୀବ ଭୁବନେଶ୍ୱରରୁ ଅଳଙ୍କାର ଠକିନେବା ପରେ ପୁରୀ ଚାଲିଯାଇ ସିଂହଦ୍ୱାର ଥାନାଞ୍ଚଳରେ ଥିବା ଏକ ଗହଣା ଦୋକାନରୁ ସମାନ ଢଙ୍ଗରେ ଠକେଇ କରିଥିଲେ। ଅଭିଯୋଗକ୍ରମେ ସିଂହଦ୍ୱାର ପୋଲିସ ମାମଲା (ନଂ.୬୭/୨୧) ରୁଜୁ କରିଥିଲା।

## ମହିଳାଙ୍କ ଆତ୍ମହତ୍ୟା, ଶ୍ୱଶୁର ଅଟକ

**କୋଣାର୍କ,୨୮।୯(ଡି.ଏନ୍.ଏ.):**

କୋଣାର୍କ ଥାନା ଅଧୀନ ତେଲୁଗୁ ବସ୍ତିର ଜଣେ ମହିଳା ମଙ୍ଗଳବାର ଆତ୍ମହତ୍ୟା କରିଛନ୍ତି। ମୃତା ହେଲେ କୋଡ଼ା ରତନମ। ଯୌତୁକ ପାଇଁ ଶ୍ୱଶୁରଘର ଲୋକଙ୍କ ନିର୍ଯାତନା ସହି ନ ପାରି ତାଙ୍କ ଝିଅ ଆତ୍ମହତ୍ୟା କରିଛି ବୋଲି ମା'କୋଡ଼ା ବଙ୍ଗାରାମ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୬୬/୨୧) ରୁଜୁକରି ମୃତାଙ୍କ ଶ୍ୱଶୁରଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, କୋଡା ରତନମ ଉକ୍ତ ବସ୍ତିର କୋଡା ନୋକା ରତନମଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ପରେ ଅଧିକ ଯୌତୁକ ଦାବିରେ ଶ୍ୱଶୁର ଘର ଲୋକେ କୋଡା ରତନମଙ୍କୁ ନିର୍ଯାତନା ଦେଉଥିଲେ। ମଙ୍ଗଳବାର ନିର୍ଯାତନା ସହି ନ ପାରି ଆତ୍ମହତ୍ୟା କରିଥିଲେ ବୋଲି ତାଙ୍କ ମା ଅଭିଯୋଗପର୍ତ୍ତରେ ଦର୍ଶାଇଛନ୍ତି।

# ଫସଲ କ୍ଷତିପୂରଣ ଦାବିରେ ଚାଷୀ ସମାବେଶ

**କୋଣାର୍କ,୨୮।୯(ଡି.ଏନ୍.ଏ.):**

କୋଣାର୍କ ଥାନା ଅଧୀନ ଅବଦାନ ଗ୍ରାମପଞ୍ଚାୟତର ବିରଜାଇ ଠାକୁରାଣୀଙ୍କ ପୀଠରେ ମଙ୍ଗଳବାର ଏକ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଟିକରପଡ଼ା ଆନିକଟ ଦ୍ୱାରା ଜଳ ନିଷ୍କାସନ କରା ନ ଯିବାରୁ ୧୦ଟି ପଞ୍ଚାୟତରେ ବ୍ୟାପକ ଫସଲହାନି ଘଟିଥିଲା। ଏହି କ୍ଷୟକ୍ଷତି ବାବଦ ସହାୟତା ଅର୍ଥ ଦାବି କରି କୃଷକ ସୁରକ୍ଷା ସମିତି ସଭାପତି ଶିଶିରକାନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ କୃଷକ ସମାବେଶ ହୋଇଛି। ଏଥିରେ ନୀଳାଚଳ କୃଷକ ମହାସଂଘ ସଭାପତି ଗୋପିନାଥ ମିଶ୍ର ଯୋଗଦେଇ ଆନିକଟର ରକ୍ଷଣାବେକ୍ଷଣ ଅଭାବ ଓ ଜଳସେଚନ ବିଭାଗର ଉଦାସୀନତା ମନୋଭାବ ଯୋଗୁ ଏଭଳି ଦୁର୍ଦ୍ଦଶା ଭୋଗିବାକୁ ପଡ଼ିଲା ବୋଲି କହିଛନ୍ତି। କାଦୁଆ ନଦୀର ଜଳ ନିଷ୍କାସନ ନ ହେବାରୁ ହଜାର ହଜାର ହେକ୍ଟର ଚାଷଜମି ବନ୍ୟା ପ୍ଲାବିତ ହୋଇ ଫସଲ ଉଜୁଡ଼ିଗଲା। ଫଳରେ ସ୍ଥାନୀୟ ଅଞ୍ଚଳର କୃଷକଙ୍କ ମେରୁଦଣ୍ଡ ଦୋହଲି ଗଲା ବୋଲି ମିଶ୍ର କହିଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ଆନିକଟ ମରାମତି ସହ କର୍ମଚାରୀ ନିଯୁକ୍ତି, ଜଳ ନିଷ୍କାସନ ପାଇଁ କେନାଲ ଖନନ ଓ କ୍ଷତିଗ୍ରସ୍ତ ଚାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ ଦିଗରେ ସରକାର ଏବଂ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି। ଏହି କୃଷକ ସମାବେଶରେ କାଦୁଆନୂଆଗାଁ, କୁରୁଜଙ୍ଗ, ଅବଦାନ, ବାଙ୍ଗୁରିଗାଁ, ନାଶିକେଶ୍ୱର ସମେତ ୧୦ଟି ପଞ୍ଚାୟତର ଚାଷୀମାନେ ଯୋଗଦେଇଥିଲେ। ଏହି ସମାବେଶରେ କୃଷକ ନେତା ବିପ୍ରବର ପାତ୍ର, ଅସ୍ତରଙ୍ଗ ବ୍ଲକ କୃଷକ ନେତା କାମଦେବ ବିଶ୍ୱାଳ, ଗୋପ ବ୍ଲକ କୃଷକ ନେତା ସୁକାନ୍ତ କୁମାର ଦାଶ, ରାଜକିଶୋର ନାୟକ, ତ୍ରିଲୋଚନ ମଲ୍ଲ, ରଥ ମଲ୍ଲିକ, କୃଷକ ସଙ୍ଗଠକ ପ୍ରତାପ କୁମାର କାଣ୍ଡି ସମେତ ବିଭିନ୍ନ ଚାଷୀ ସଙ୍ଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ। ଆଗାମୀ ଦିନରେ କୃଷକଙ୍କ କଲ୍ୟାଣ ପାଇଁ ନବଗଠିତ କୃଷକ ସଙ୍ଗଠନ କୃଷକ ସୁରକ୍ଷା ସମିତି ସଭାପତି ବିଶ୍ୱାଳ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ସହ ଆନ୍ଦୋଳନ ଜାରି ରହିବ ବୋଲି ପ୍ରକାଶ କରିଛନ୍ତି।



ସମାବେଶରେ ଯୋଗ ଦେଇଥିବା ଚାଷୀମାନେ ।

